ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

# ସମଗ୍ର ଶିକ୍ଷା, ଗଞ୍ଜାମ, ଛତ୍ରପୁର

eMail ID – dpcganjamssa.opepa@nic.in

ସଂଖ୍ୟା ୨୪୭୭୮ / ତାରିଖ : ୨୮.୦୯.୨୪

## ସୂଚନା

ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ , ଗଞ୍ଜାମ ଙ୍କ ନିର୍ଦ୍ଦେଶାନୁସାରେ, ଗଞ୍ଜାମ ଜିଲ୍ଲା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ କନିଷ୍ଠ ଶିକ୍ଷକ ( ଯୋଜନାଭିତ୍ତିକ ), ୨୦୨୩ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେମାନଙ୍କୁ ନିଯୁକ୍ତି ପତ୍ର ଦେବା ପୂର୍ବରୁ ସେମାନେ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ , ଗଞ୍ଜାମଙ୍କ ସହିତ ୧୧ ଟଙ୍କା ମୂଲ୍ୟର ଏକ ଷ୍ଟାମ୍ପ ପେପରରେ ଏକ ଚୁକ୍ତି ନାମ ସ୍ୱାକ୍ଷର କରିବାକୁ ହେବ । ସେମାନଙ୍କ ପାଇଁ ଆସନ୍ତା ୦୫.୧୦.୨୦୨୪ ରିଖରେ କଳିଙ୍ଗ ହକି ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ( **Orientation Programme** ) ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଉପସ୍ଥିତ ହୋଇ କନିଷ୍ଠ ଶିକ୍ଷକ ( ଯୋଜନାଭିତ୍ତିକ )ଙ୍କୁ ସମ୍ବୋଧନ କରିବା ହେବେ । ତେଣୁ ସମସ୍ତେ ନିମ୍ନ କାର୍ଯ୍ୟ ସୂଚୀ ଓ ନିର୍ଦ୍ଦେଶ ଅନୁସାରେ ଉପସ୍ଥିତ ରହି ଉପରୋକ୍ତ କାର୍ଯ୍ୟ ଗୁଡିକୁ ସମ୍ପାଦନ କରିବେ ଅନ୍ୟଥା ସେମାନଙ୍କ ନିଯୁକ୍ତି ପତ୍ର ସ୍ଥଗିତ କରି ଦିଆଯିବ । ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଉକ୍ତ ଅଭିମୁଖୀକରଣ କାର୍ଯ୍ୟକ୍ରମ ( **Orientation Programme** ) ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ପୋଷାକ ପିନ୍ଧି ଯିବା ନିତାନ୍ତ ଆବଶ୍ୟକ ଅନ୍ୟଥା ସେମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଅନୁମତି ଦିଆଯିବ ନାହିଁ ଓ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ମାନେ ଦିବ୍ୟାଙ୍ଗ ଆରକ୍ଷଣରେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କ ପାଇଁ ଏହି ସୂଚନାଟି ପ୍ରଯୁଜ୍ୟ ନୁହେଁ । ସେମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ଆବଶ୍ୟକ ନାହିଁ । ସେମାନଙ୍କୁ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ ।

କାର୍ଯ୍ୟ ସୂଚୀ

| କ୍ର.ସଂ | କାର୍ଯ୍ୟ | ତାରିଖ ଓ ସମୟ | ସ୍ଥାନ | ମନ୍ତବ୍ୟ |
|---|---|---|---|---|
| ୧ | ଚୁକ୍ତି ନାମ ସ୍ୱାକ୍ଷର (ବର୍ଗ-୧) | ୩୦.୦୯.୨୦୨୪ | ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ବ୍ରହ୍ମପୁର | ଚୁକ୍ତିନାମାର ଏକ ନକଲ ଏଥି ସହିତ ସଂଲଗ୍ନ କରାଯାଇ ଅଛି ସେହି ଅନୁସାରେ ୧୧ ଟଙ୍କା ମୂଲ୍ୟର ଷ୍ଟାମ୍ପ ପେପରରେ କମ୍ପ୍ୟୁଟର ଦ୍ୱାରା ଟାଇପ କରି ଆଣିଥିବେ। ତାହାକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ସମ୍ମୁଖରେ ପୂରଣ କରିବେ । ଆଗରୁ ପୂରଣ କରିଥିଲେ ତାହାକୁ ଗ୍ରହଣ କରାଯିବ ନାହିଁ । ଚୁକ୍ତିନାମା ସ୍ୱାକ୍ଷର କରିବା ସମୟରେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିଜର ଏକ ଫୋଟୋ ସଂଲଗ୍ନ ପରିଚୟ ପତ୍ର ଦେଖାଇବା ଜରୁରୀ ଅଟେ । |
| ୨ | ଚୁକ୍ତି ନାମ ସ୍ୱାକ୍ଷର (ବର୍ଗ-୨) | ୦୧. ୧୦.୨୦୨୪ | | |

ଅମିତା ପଟ୍ଟନାୟକ

| | | | | |
|---|---|---|---|---|
| 3 | ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଭୁବନେଶ୍ୱର ଅଭିମୁଖେ ବାହାରିବ। | ୦୫.୧୦.୨୦୨୪ ସକାଳ ୬ ଘଣ୍ଟା | ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ । | ସମସ୍ତ ପ୍ରାର୍ଥୀ/ ପ୍ରାର୍ଥିନୀ ସକାଳ ୬ ଘଣ୍ଟା ସୁଧା ଉପସ୍ଥିତି ଜାହିର କରିବା ବାଧ୍ୟତା ମୂଳକ ଅଟେ । ଯିବା/ ଆସିବା / ଖାଇବାର ବନ୍ଦୋବସ୍ତ କାର୍ଯ୍ୟାଳୟ ଦ୍ୱାରା କରାଯିବ। |
| 4 | ଅଭିମୁଖୀକରଣ କାର୍ଯ୍ୟକ୍ରମ | ୦୫.୧୦.୨୦୨୪ | କଳିଙ୍ଗ ହକି ଷ୍ଟାଡିୟମ, ଭୁବନେଶ୍ୱର | ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ପୋଷାକ ପିନ୍ଧି ସମସ୍ତେ ଉପସ୍ଥିତ ରହିବା ବାଞ୍ଛନୀୟ ଅଟେ। ସାଥିରେ ଏକ ରଙ୍ଗୀନ ଛତା ନେଇ ଯାଇଥିବେ । କେବଳ ଫୋନ,ପର୍ସ, ପରିଚୟ ପତ୍ର(I-Card) ଓ ରଙ୍ଗୀନ ଛତା ବ୍ୟତୀତ ଅନ୍ୟ କୌଣସି ଜିନିଷ ନେଇ ଯାଇ ପାରିବେ ନାହିଁ । ଅନ୍ୟ ଜିନିଷ ଗୁଡିକୁ ବସରେ ରଖି ଯିବେ । |
| 5 | ଭୁବନେଶ୍ୱରରୁ ଫେରିବା | ୦୫.୧୦.୨୦୨୪ ତୁରନ୍ତ କାର୍ଯ୍ୟ କ୍ରମ ସାରିବା ପରେ | କଳିଙ୍ଗ ହକି ଷ୍ଟାଡିୟମ, ଭୁବନେଶ୍ୱର | ତା ୦୫.୧୦.୨୦୨୪ ରିଖ ରାତ୍ର ଗନ୍ତବ୍ୟସ୍ଥଳରେ ରେ ପହଞ୍ଚିବେ । |

ଅମିତା ପଟ୍ଟନାୟକ

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଗଞ୍ଜାମ

ଜ୍ଞାପକ ସଂଖ୍ୟା ୬୪୮୦ / ତାରିଖ ୨୪.୦୯.୨୪ /

ଏହାର ଏକକିତା ନକଲ **DeGM** , ଗଞ୍ଜାମ/ DIO, NIC, ଗଞ୍ଜାମ ଙ୍କୁ ପ୍ରେରଣ କରାଗଲା ଓ ଉକ୍ତ ସୂଚନାଟିକୁ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜିଲ୍ଲା **website** ରେ ପ୍ରକାଶିତ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଶିକ୍ଷା ଅଧିକାରୀ, ଗଞ୍ଜାମ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ , ଗଞ୍ଜାମ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ , **OSEPA** , ଭୁବନେଶ୍ବର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅମିତା ପଟ୍ଟନାୟକ

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଗଞ୍ଜାମ